ନ୍ୟୁ ଅପୋଷ୍ଟଲିକ ଚର୍ଚ୍ଚ
ଇଣ୍ଡିଆ

# ଧନ୍ୟବାଦ ୨୦୨୧

ପ୍ରିୟ ଭାଇ ଏବଂ ଭଉଣୀମାନେ,

ଅଧିକାଂଶ ଦେଶରେ ବିଭିନ୍ନ ଋତୁ ଦେଖାଦିଏ । ଆମେ ଉଷ୍ମ,ବର୍ଷା ଶୀତ ଓ ଶୁଷ୍କ ଏବଂ ସବୁ ଋତୁର ମଶ୍ରିତ ଅନୁଭବ ପାଇଥାଉ । ପ୍ରତ୍ୟେକ ଋତୁ ସୃଷ୍ଟିର ସହାୟକ ହୁଏ ଏବଂ ଆମେ ଏଥିରୁ କଣ ଅମଳ କରିପାରିବା । ଏହାଦ୍ୱାରା ଆମକୁ ଯୋଗାଇ ଦିଆଯାଏ, ପ୍ରତିପାଳନ କରାଯାଏ, ଏବଂ ଏହାଦ୍ୱାରା ଆମେ ବଞ୍ଚିଥାଉ । ସୃଷ୍ଟି କର୍ତ୍ତା ଆମ ପରମେଶ୍ୱର କେଡେ ଅଦ୍ଭୁତ କାର୍ଯ୍ୟ କରିଛନ୍ତି । *(ଆଦିପୁସ୍ତକ ୨:୩ – ଧନ୍ୟବାଦୀ ପର୍ବ ଡ଼ିଭାଇନ ସର୍ଭିସ୍ ବାଇବଲ ଶାସ୍ତ୍ରାଂଶ)* ।

ଆମେ ଜୀବନରେ ବାଭିନ୍ନ ଋତୁ ଅନୁଭବ କରୁ! ଉତ୍ତମ ସମୟ,କଷ୍ଟକର ସମୟ ଏବଂ ବେଳେବେଳେ ପ୍ରତିକୁଳ ସମୟ । କୋଭିଡ ମହାମାରୀ ନିଶ୍ଚିତ ଭାବରେ ଏପରି ସମୟ ଅଟେ । ତଥାପି, ଆମେ ପରମେଶ୍ୱରଙ୍କ ଆଶିର୍ବାଦ ଗୁଡ଼ିକ ଭୁଲିଯିବା ନାହିଁ କାରଣ... ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁଶାରେ ଆହୁତ ହୋଇଅଛନ୍ତି । ଈଶ୍ୱର ଯେ ସମସ୍ତ ବିଷୟରେ ତାହାଙ୍କର ସକଳ ସାଧନ କରନ୍ତି ଏହା ଆମ୍ଭେମାନେ ଜାଣୁ *(ରୋମିୟ ୮:୨୮)*। ପରମେଶ୍ୱର ଆମ ସହିତ ରୁହନ୍ତି! ଆମେ ଅବିରତ ତାଙ୍କରି ପ୍ରଶଂସା କରିବା ଓ ଧନ୍ୟବାଦ ଦେବା:

- ପରମେଶ୍ୱର ପିତା, ଯିଏ ବିଶ୍ୱସ୍ଥ ଭାବରେ ଆପଣା ସୃଷ୍ଟି ଉପରେ ଦୃଷ୍ଟି ରଖିଛନ୍ତି ।
- ପରମେଶ୍ୱରଙ୍କ ପୁତ୍ର, ଯାହାଙ୍କ ବଳିଦାନ ଓ ପୁନରୁତ୍ଥାନ ଆମକୁ ତାଙ୍କ ରାଜ୍ୟକୁ ପ୍ରବେଶ କରିବାକୁ ଦିଏ ।
- ପରମେଶ୍ୱର ପବିତ୍ର ଆତ୍ମା ଯିଏ ଆମକୁ ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟି କଲେ ଏବଂ ପରମେଶ୍ୱରଙ୍କ ସହିତ ଅନନ୍ତ ସହଭାଗିତା ନିମନ୍ତେ ପବିତ୍ରିକୃତ କରନ୍ତି ।

ପରମେଶ୍ୱର ଆମ ଉପରେ କରିଥିବା ମହାନ କାର୍ଯ୍ୟଗୁଡ଼ିକ ବିଷୟରେ ଚିନ୍ତା କରିବାକୁ ସମୟଦେବା ଆମ ପାଇଁ ଉତ୍ତମ ।

ଆମର କୃତଜ୍ଞତା ଜଣାଇବା ପାଇଁ ଆମ ନିମନ୍ତେ ଅନେକ ଉପାୟ ଅଛି । ଆମର ଅଭିବ୍ୟକ୍ତି କେବଳ ଶବ୍ଦରେ ନୂହେଁ ଆମର କାର୍ଯ୍ୟରେ ମଧ୍ୟ ପ୍ରକାଷ କରିବ ।

**କ. ରବିବାରକୁ ପବିତ୍ରିକୃତ କରନ୍ତୁ ।**

ଏହି ମହାମାରି ସମୟରେ କେହି କେହି ନିଜକୁ ଅତିରିକ୍ତ ସମୟରେ ନିଜ ନିଜକୁ ପାଇଥିବା ବେଳେ ଅନ୍ୟମାନେ ନିଜ ନିଜର ଜୀବନର ବିଶୃଙ୍ଖଳା ସନ୍ତୁଳିତ କରିବାକୁ ଚେଷ୍ଟାକରି ଅତିଷ୍ଟ ହୋଇଛନ୍ତି । ଚିନ୍ତନ, ପ୍ରାର୍ଥନା ଏବଂ ଡିଭାଇନ ସର୍ଭିସ ଶକାଷେ ସମୟ ବାହାର କରିବା ଆମ ପାଇଁ ଗୁରୁତ୍ୱପୂର୍ଣ । ଆମ କାର୍ଯ୍ୟ, ବାଧ୍ୟତା ଏପରିକି ମନୋରଞ୍ଜନ ଉପରେ ସୀମା ସ୍ଥିର କରିବାକୁ ପରାମର୍ଶ ଦିଆଯାଇଅଛି । ମରିୟମ ଓ ମାର୍ଥାର କାହାଣୀ ଦର୍ଶାଏ ଯେ ଉତ୍ତମ ଭାଗ ବାଛିବା *(ଲୁକ ୧୦:୩୮–୪୨)* ଏକ ମାର୍ଗ ଦର୍ଶନ ଆମେ ଗ୍ରହଣ କରିବା ଉଚିତ । ଏହାର ଅର୍ଥ ହେଉଛି ଆମର ତ୍ରି–ଏକ ପରମେଶ୍ୱରଙ୍କ ସହିତ ଆମର ସଂଯୋଗ ଖୋଜିବା, ଆମର ବ୍ୟକ୍ତିଗତ ପବିତ୍ରିକରଣ ଅନୁସରଣ କରିବା, ଏବଂ ଡିଭାଇନ ସର୍ଭିସର ବାକ୍ୟ ଓ ପବିତ୍ର ପ୍ରଭୁଭୋଜରେ ନିଜକୁ ଆବୋରି ରଖିବା । ଏପରି ଆମେ ଆମର ପ୍ରଶଂସା ପ୍ରକାଶ କରୁ ଓ ରବିବାରକୁ ପବିତ୍ର ରଖୁ ।

**ଖ. ସୃଷ୍ଟିକୁ ସମ୍ମାନ ଦିଅ ।**

ଆମେ ସୃଷ୍ଟିକୁ ପ୍ରେମ ଓ ଜ୍ଞାନ ସହିତ ବ୍ୟବହାର କରିବା । ଆଜି ବଶ୍ୱବ୍ୟାପି ମହାନ ବିତର୍କ ହେଉଛି ପରିବେଶ,ଜଳ ବାୟୁ ପରିବର୍ତ୍ତନ ଏବଂ ଆମ ପ୍ରାକୃତିକ ସମ୍ପଦର ଅବକ୍ଷୟ ସମ୍ପର୍କିତ । ସୃଷ୍ଟିର ସୂରକ୍ଷା ପାଇଁ ନୀୟମ ଓ କାର୍ଯ୍ୟକରିବାର ନୀତି ପ୍ରସ୍ତୁତ କରାଯାଇଅଛି । ଆମ ପିଲାମାନଙ୍କୁ ଓ ଆଗାମି ବଂଶଜଙ୍କୁ ଭବିଷ୍ୟତ ସୂରକ୍ଷାରେ ସାହାଯ୍ୟ କରିବାରେ ଆମ ଭୂମିକା ପ୍ରଦର୍ଶନ ଗୁରୁତ୍ୱ ପୂର୍ଣ । ସମାନ ରିତିରେ ଆମ ପଡୋଶୀ ସହିତ ଆମେ ପରମେଶ୍ୱରଙ୍କ ସହିତ ସୃଷ୍ଟ । ସେମାନଙ୍କର ଉତ୍ପତ୍ତି, ପରମ୍ପରା କିମ୍ବା ସାମାଜିକ ସ୍ଥିତି ନିର୍ବିଶେଷରେ ଆମେ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବାରେ ଋଣି ଅଟୁ । ଯେପରି ଯୀଶୁ ଶିକ୍ଷା ଦିଅନ୍ତି: ଅତଏବ ଲୋକମାନେ ତିମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତି ବୋଲି ଇଛା କର ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ତାହାକର *(ମାଥିଉ ୭:୧୨)* । ଆମେ ସୁସମାଚାର ମୂଲ୍ୟବୋଧ ପାଇଁ ପ୍ରତିବଦ୍ଧ, ଯାହା ପ୍ରେମ,ସହନଶୀଳତା, କ୍ଷମା,ହିଂସା ଏବଂ ଅନ୍ୟାୟର ପ୍ରତ୍ୟାଖ୍ୟାନ କରିବା ଅଟେ ।

**ଗ. କାର୍ଯ୍ୟ,ତ୍ୟାଗ ଓ ବଳିଦାନ**

ନ୍ୟୁ ଆପୋଷ୍ଟଲିକ ଖ୍ରୀଷ୍ଟିଆନ ଭାବରେ ଏହି ଧାରଣା ଆମ ପାଇଁ ଅଜଣା ନୁହେଁ । ଆଦ୍ୟରୁ ଓ ବାଇବଲର ଇତିହାସରେ ମଧ୍ୟ କାର୍ଯ୍ୟ କରିବାକୁ ଆହ୍ୱାନ କରିବା ଦେଖିବାକୁ ପାଉଁ । ସେବା କାର୍ଯ୍ୟ ଭାବ ମଧ୍ୟ ହୋଇ ନୁହେଁ କିନ୍ତୁ ଆମ କୃତଜ୍ଞ ହୃଦୟର ମନୋଭାବର ଫଳାଫଳ ସେବା କରିବା, କାର୍ଯ୍ୟ କରାବା,ନୈ୍ବେଦ୍ୟ ଆଣିବା,ବଳିଦାନ କରିବାରେ ଆମର ଯୋଗଦାନ ରହିବା ଉଚିତ । ଏହା ଈଶ୍ୱରଙ୍କ ଅନୁଗ୍ରହ,ଆମ ଜୀବନରେ ତାଙ୍କ ଆଶିର୍ବାଦ ଏବଂ ତ୍ରିଏକ ପରମେଶ୍ୱରଙ୍କ ପ୍ରେମକୁ ଚାହ୍ନିବାର ପ୍ରତ୍ୟକ୍ଷ ଫଳାଫଳ ଅଟେ ।

ଶେଷରେ କାନାଡ଼ା ଜିଲ୍ଲାର ପ୍ରେରିତଗଣ,ବିଷପ ମାନଙ୍କ ସହିତ ଆମେ ଆପଣଙ୍କୁ,ଆପଣଙ୍କ ପରିବାର ଏବଂ ମଣ୍ଡଳୀମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରଚୁର ଆଶିର୍ବାଦ ଓ ଧନ୍ୟବାଦର୍ପଣର ଶୁଭେଛା ଜଣାଉଅଛୁ ।

ଆନ୍ତରିକତାର ସହିତ,



ମାର୍କ ଓ୍ୱଲ